# ଗ୍ରାମୀଣ କୃଷି ମୌସମ ସେବା
# ଭାରତ ପାଣିପାଗ ବିଭାଗ
# ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ
# ଆଞ୍ଚଳିକ ଗବେଷଣା ଓ ବୈଷୟିକ ପ୍ରସାରଣ କେନ୍ଦ୍ର, ଚିପିଲିମା

ସଂଖ୍ୟା - ୩୭ (ଓଡ଼ିଆ ବୁଲେଟିନ) ସପ୍ତାହ -୧୯ ତାରିଖ: ୦୭.୦୫.୨୦୨୪

## ଜିଲ୍ଲା – ବରଗଡ଼

### ଆସନ୍ତା ପାଞ୍ଚ ଦିନର ପାଣିପାଗ ପୂର୍ବାନୁମାନ

| ପାଣିପାଗ କାରକ | 08-05-2024 | 09-05-2024 | 10-05-2024 | 11-05-2024 | 12-05-2024 |
|---|---|---|---|---|---|
| ବୃଷ୍ଟିପାତ (ମିଲି ମିଟର) | 10 | 12 | 15 | 5 | 5 |
| ସର୍ବାଧିକ ତାପମାତ୍ରା (º ସେଣ୍ଟିଗ୍ରେଡ) | 33 | 33 | 34 | 35 | 36 |
| ସର୍ବନିମ୍ନ ତାପମାତ୍ରା (º ସେଣ୍ଟିଗ୍ରେଡ) | 25 | 24 | 24 | 25 | 26 |
| ସମ୍ପୂର୍ଣମେଘ ଆବରଣ(ଓକଟା) | 7 | 6 | 5 | 5 | 5 |
| ସର୍ବାଧିକଆପେକ୍ଷିକ ଆଦ୍ରତା (ଶତକଡା %) | 57 | 62 | 67 | 64 | 51 |
| ସର୍ବନିମ୍ନ ଆପେକ୍ଷିକ ଆଦ୍ରତା (ଶତକଡା %) | 17 | 17 | 21 | 21 | 21 |
| ପବନବେଗ (କିମି/ଘଣ୍ଟା ପ୍ରତି) | 16 | 14 | 15 | 16 | 12 |
| ପବନଦିଗ (ଡିଗ୍ରୀ) | 225 | 236 | 202 | 161 | 242 |

ଅଧିକ ଜାଣିବା ପାଇଁ, ଭାରତୀୟ ପାଣିପାଗ ବିଭାଗ, ଭୁବନେଶ୍ୱର, ଟେଲିଫୋନ# ୦୬୭୪-୨୫୯୬୧୧୬ରେ ଯୋଗାଯୋଗ କରନ୍ତୁ

## ପାଣିପାଗ ସାରାଂଶ/ସତର୍କ ସୂଚନା :

ଭାରତ ପାଣିପାଗ ବିଜ୍ଞାନ ବିଭାଗ, ମୌସମ ବିଜ୍ଞାନ କେନ୍ଦ୍ର, ଭୁବନେଶ୍ବର ଅନୁଯାୟୀ ଆସନ୍ତା ସପ୍ତାହରେ କିଛିଟା ସ୍ଥାନରେ ସ୍ୱଳ୍ପ ରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଅଛି ଏବଂ ଏହି ସମୟ ଅବଧିରେ ଆକାଶ ଆଂଶିକ ରୁ ସାଧାରଣତଃ ମେଘାଛନ୍ନ ରହିପାରେ । ଆସନ୍ତା ୫ ଦିନ ମଧ୍ୟରେ ସର୍ବୋଚ୍ଚ ତାପମାତ୍ରା ୩୩ ରୁ ୩୬ ଡିଗ୍ରୀ ସେଣ୍ଟିଗ୍ରେଡ ଓ ସର୍ବନିମ୍ନ ତାପମାତ୍ରା ୨୪ ରୁ ୨୬ ଡିଗ୍ରୀ ସେଣ୍ଟିଗ୍ରେଡ ମଧ୍ୟରେ ରହିବାର ସମ୍ଭାବନା ରହିଅଛି । ଆସନ୍ତା ସପ୍ତାହରେ ସର୍ବାଧିକ ଆପେକ୍ଷିକ ଆର୍ଦ୍ରତା ୫୧ % ରୁ ୬୭ % ଓ ସର୍ବନିମ୍ନ ଆପେକ୍ଷିକ ଆର୍ଦ୍ରତା ୧୭ % ରୁ ୨୧ % ମଧ୍ୟରେ ରହିବାର ସମ୍ଭାବନା ରହିଅଛି। ଆସନ୍ତା ୫ ଦିନ ମଧ୍ୟରେ ୧୨ ରୁ ୧୬ କି.ମି. ପ୍ରତି ଘଣ୍ଟା ବେଗରେ ଦକ୍ଷିଣ-ପୂର୍ବ ଓ ଦକ୍ଷିଣ-ପଶ୍ଚିମ ଦିଗରୁ ପବନ ବହିବାର ସମ୍ଭାବନା ରହିଅଛି।

### ସାଧାରଣ ଉପଦେଶ

- ଭାରତ ପାଣିପାଗ ବିଜ୍ଞାନ ବିଭାଗର ଲମ୍ବା ଅବଧି ପାଣିପାଗ ପୂର୍ବାନୁମାନ ଅନୁଯାଇ ଆଗାମୀ ୫ ଦିନ ପରବର୍ତୀ ସପ୍ତାହରେ (୧୨ ରୁ ୧୮ ମଇ , ୨୦୨୪) ଓଡିଶାରେ ବର୍ଷାର ସ୍ଥିତି ସ୍ୱଭାବିକ ରହିବା ସହିତ ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ମଧ୍ୟ ସ୍ୱଭାବିକ ରହିବାର ସମ୍ଭାବନା ଅଛି ।
- ପଶୁମାନଙ୍କୁ ଝାଞ୍ଜି ପବନରୁ ବଂଚାଇବା ପାଇଁ ଛାଇଁରେ ରଖିବାର ବ୍ୟବସ୍ଥା କରନ୍ତୁ ଏବଂ ଦିପହର ସମୟରେ କାମ କରାନ୍ତୁ ନାହିଁ ।
- ପ୍ରଚଳିତ ପାଣିପାଗର ଯେଉଁ ସ୍ଥିତି ରହିଅଛି ତାହା ଆଗକୁ ଫସଲରେ ବିଭିନ୍ନ ପ୍ରକାରର ପୋକ ଏବଂ ରୋଗର ସଂକ୍ରମଣ ବଢାଇବାରେ ସହାୟକ ହୋଇପାରେ ତେଣୁ ଏହାର ନିୟମିତ ନିରୀକ୍ଷଣ କରିବାକୁ ପରାମର୍ଶ ଦିଆଯାଇଅଛି ।
- ଆସନ୍ତା ସପ୍ତାହରେ କିଛିଟା ସ୍ଥାନରେ ବର୍ଷା ହେବା ସହିତ ଅଧିକ ବେଗରେ ପବନ ବହିବାର ମଧ୍ୟ ସମ୍ଭାବନା ଦେଖାଯାଇପାରେ ତେଣୁ ଜଳସେଚନ ଓ ଔଷଧର ସିଞ୍ଚନ କାର୍ଯ୍ୟରେ ସତର୍କତା ଅବଲମ୍ବନ କରିବାକୁ ଏବଂ ବାହାରେ ରଖା ହୋଇଥିବା ଫସଲକୁ ସୁରକ୍ଷିତ ସ୍ଥାନରେ ରଖିବାର ବ୍ୟବସ୍ଥା କରିବାକୁ ପରାମର୍ଶ ଦିଆଯାଇଅଛି।

### ପାଣିପାଗ ଭିତ୍ତିକ କୃଷି ଏବଂ ପଶୁପାଳନ ଉପଦେଶ

| ଫସଲର ନାମ | ଫସଲ ଅବସ୍ଥା | କୃଷି ଏବଂ ପଶୁପାଳନ ପାଇଁ ପାଣିପାଗ ଭିତ୍ତିକ ପରାମର୍ଶ |
|---|---|---|
| ଡାଲୁଆ ଧାନ | ଦୁଗ୍ଧ ଅବସ୍ଥା / ଦାନା ଭରିବା ଓ ବିକଶିତ ହେବା / | • ଆସନ୍ତା ସପ୍ତାହରେ କିଛିଟା ଜାଗାରେ ବର୍ଷା ହେବାର ସମ୍ଭାବନା ରହିଅଛି ତେଣୁ ଜଳସେଚନ ପାଇଁ କିଛି ଦିନ ଅପେକ୍ଷା କରିବାକୁ ପରାମର୍ଶ ଦିଆଯାଉଅଛି । ଯେଉଁ ଚାଷୀ ଭାଇମାନଙ୍କର ଧାନ ଗଛରେ ୮୦ କିମ୍ବା ତା 'ଠୁ ଅଧିକା ପ୍ରତିଶତ କେଣ୍ଡାରେ ଥିବା ଦାନା ପରିପକ୍ୱ କିମ୍ବା ହଳଦିଆ ରଙ୍ଗର ଦେଖାଗଲାଣି ସେଥିରେ ଧାନ କାଟିବା କାର୍ଯ୍ୟ ପ୍ରାରମ୍ଭ |

| | | |
|---|---|---|
| | ପରିପକ୍ୱ ଅବସ୍ଥା | କରିଦିଅନ୍ତୁ କିନ୍ତୁ ଆସନ୍ତା ସପ୍ତାହରେ ବର୍ଷାର ସମ୍ଭାବନାକୁ ଧ୍ୟାନରେ ରଖି ଧାନ କାଟିବା କାର୍ଯ୍ୟକୁ କିଛି ଦିନ ସ୍ଥଗିତ ରଖନ୍ତୁ ।<br>• ଯେଉଁ ଚାଷୀ ଭାଇମାନେ ଧାନ କାଟିକି ବାହାରେ ଶୁଖିବାକୁ ରଖିଛନ୍ତି ତା 'କୁ ସୁରକ୍ଷିତ ଜାଗାରେ ରଖିବାକୁ କିମ୍ବା ବାହାରେ ଥିବା ଧାନକୁ ଘୋଡ଼େଇବା ପାଇଁ ଉଚିତ ବ୍ୟବସ୍ଥା କରିବାକୁ ପରାମର୍ଶ ଦିଆଯାଉଅଛି ।<br>• ବର୍ତମାନ ପାଣିପାଗର ଯେଉଁ ସ୍ଥିତି ରହିଅଛି ତାହା ଧାନ କ୍ଷେତରେ ଚକଡା ପୋକର ବୃଦ୍ଧି ପାଇଁ ଅନୁକୂଳ ଅଟେ ଏବଂ ଏହି ସମୟରେ ଯଦି କ୍ଷେତରେ ଜଳ ଜମା ହୋଇକି ରହେ ତାହାହେଲେ ଏହାର ପ୍ରକୋପ ଅଧିକ ହୋଇଥାଏ ତେଣୁ କ୍ଷେତରେ ଦୀର୍ଘ ସମୟ ଧରି ପାଣି ଜମିକି ନ ରହିବା ପାଇଁ ବିକଳ୍ପିତ ଓଦା ଓ ଶୁଖିଲା ପଦ୍ଧତିର ପ୍ରୟୋଗ କରନ୍ତୁ ଯେଉଁଥିରେ କି ପର୍ଯ୍ୟାୟ କ୍ରମେ ଜଳ ସେଚନ ଏବଂ ଜଳ ନିଷ୍କାସନ କରିବା ଦ୍ୱାରା କ୍ରମାଗତ ଭାବରେ ମାଟି ଓଦା ଓ ଶୁଖିଲା ରହିଥାଏ । ଏହାପରେ ବି ଯଦି ନିୟନ୍ତ୍ରଣ ନ ହୁଏ ତାହାହେଲେ ଦୁଗ୍ଧ ଅବସ୍ଥାରେ ଥିବା ଧାନରେ ପ୍ରତି ହେକ୍ଟର ପିଛା ୨୪୦ ମିଲି ଟ୍ରାଇଫ୍ଲୁମେଜୋପାଇରିମ କିମ୍ବା ୩୦୦ ଗ୍ରାମ ପାଇମେଟ୍ରୋଯାଇନକୁ ପାଣିରେ ମିଶାଇ ଶୁଖିଲା ପାଗକୁ ଦେଖି ସିଞ୍ଚନ କରନ୍ତୁ । |
| ମୁଗ(ଖରା ବିଜିଆ) | ଫଳ ଧରିବା / ଫଳ ତୋଳିବା ଅବସ୍ଥା | • ଯଦି ମୁଗ କ୍ଷେତରେ ଫଳ ଧରିବା ସମୟରେ ଫଳ ଛେଦକ କିମ୍ବା ଫଳ ବିନ୍ଧା ପୋକର ପ୍ରକୋପ ଦେଖାଯାଏ ତା'ହେଲେ ଏହାର ନିୟନ୍ତ୍ରଣ ପାଇଁ ୦.୩ ମିଲି କ୍ଲୋରାନଟ୍ରାନିଲିପ୍ରୋଲ ୧୮.୫ ଏସ.ସି. କିମ୍ବା ୦.୪ ଗ୍ରାମ ଇମାମେକଟିନ୍ ବେନଯୋଏଟ୍‌କୁ ପ୍ରତି ଲିଟର ପାଣିରେ ମିଶାଇ ବର୍ଷା ଛାଡିଲା ପରେ ଶୁଷ୍କ ପାଗକୁ ଦେଖି କ୍ଷେତରେ ସିଞ୍ଚନ କରନ୍ତୁ ।<br>• ଯଦି ମୁଗ ଗଛରେ ୭୦ ରୁ ୮୦ ପ୍ରତିଶତ ଫଳ ପରିପକ୍ୱ ହୋଇ ଯାଇଛି ସେଥିରେ ଫଳ ତୋଳିବା କାର୍ଯ୍ୟ ଆରମ୍ଭ କରିଦେବାକୁ ପରାମର୍ଶ ଦିଆଯାଉଅଛି । ଏହାର ବିହନକୁ ସଂରକ୍ଷିତ ରଖିବା ପୂର୍ବରୁ ଫସଲକୁ ଖରାରେ ଭଲଭାବରେ ସୁଖାନ୍ତୁ ଯେପରିକି ଦାନା/ମଞ୍ଜିର ଆର୍ଦ୍ରତା ୮ ରୁ ୧୦ ପ୍ରତିଶତ ମଧ୍ୟରେ ରହିବ । ଯେଉଁ ଚାଷୀ ଭାଇମାନଙ୍କର ଫସଲ ବାହାରେ ସୁଖିବା ପାଇଁ ରଖା ହୋଇଛି ତାକୁ ସୁରକ୍ଷିତ ଜାଗାରେ ରଖିବାର ବ୍ୟବସ୍ଥା କରିବାକୁ ପରାମର୍ଶ ଦିଆଯାଉଛି କାରଣ ଆଗକୁ କିଛିଟା ଜାଗାରେ ବର୍ଷା ହେବାର ସମ୍ଭାବନା ଦେଖାଯାଇପାରେ। |
| ମକା | ଫଳ ଅବସ୍ଥା | • ବର୍ଷା ନ ହେବା ସ୍ଥିତିକୁ ଧ୍ୟାନରେ ରଖି ମାଟିର ଆର୍ଦ୍ରତାକୁ ବନାଇ ରଖିବା ପାଇଁ ଆବଶ୍ୟକତା ଅନୁସାରେ ଜଳସେଚନ କରନ୍ତୁ ।<br>• ମକା ଗଛରେ କାଣ୍ଡବିନ୍ଧା ପୋକର ନିୟନିନ୍ତ୍ରଣ ପାଇଁ ଫିପ୍ରୋନିଲ ୫% ଏସ.ସି. କିମ୍ବା ପ୍ରୋପେନୋଫସ ୫୦% ଇ.ସି. @ ୨ ମିଲିକୁ ପ୍ରତି ଲିଟର ପାଣିରେ ମିଶାଇ ଏବଂ ଫଲ ଆର୍ମିଓର୍ମ କୀଟର ନିୟନ୍ତ୍ରଣ ପାଇଁ ପ୍ରତି ଲିଟର ପାଣିରେ ୦.୪ ଗ୍ରାମ ଇମାମେକଟିନ୍‌ନ ବେନଜୋଏଟ୍ କୁ ମିଶାଇ ଶୁଷ୍କ ପାଗ କ୍ଷେତରେ ସିଞ୍ଚନ କରନ୍ତୁ। |
| ଆମ୍ବ | ଫଳ ଅବସ୍ଥା | • ଆମ୍ବ ଗଛରେ ଆମ୍ବ ହପରକୁ ନିୟନ୍ତ୍ରଣ କରିବା ପାଇଁ ୧ ଗ୍ରାମ୍ ଏସିଫେଟ କିମ୍ବା ୦.୫ ମିଲି କ୍ଲୋରୋପାଇରିଫସ୍ କିମ୍ବା ୦.୩ ରୁ ୦.୪ ଗ୍ରାମ ଥାଇଓମିଥୋକ୍ସାମକୁ ପ୍ରତି ଲିଟର ପାଣିରେ ମିଶାଇ ଗଛରେସିଞ୍ଚନ କରନ୍ତୁ।<br>• ଧଳା ପାଉଡରର ସ୍ତର ଲାଗିରହିଲା ପରି ରୋଗର ଲକ୍ଷଣ ଦେଖାଗଲେ ଏହାର ନିୟନ୍ତ୍ରଣ ପାଇଁ ୨ ଗ୍ରାମ ଦ୍ରବୀଭୂତ ସଲଫରକୁ ପ୍ରତି ଲିଟର ପାଣିରେ ମିଶାଇଆକାଶ ସଫା ଥିବା ସମୟରେ ଗଛରେ ପ୍ରୟୋଗ କରନ୍ତୁ ।<br>• ତାପମାତ୍ରା ଓ ଆର୍ଦ୍ରତାରେ ବୃଦ୍ଧି ସହିତ ଆମ୍ବ ଗଛରେ ଫଳ ମାଛିର ଉପଦ୍ରବ ବଢିବାର ଦେଖାଯାଇପାରେ ତେଣୁ ଏହାର ନିରୀକ୍ଷଣ ତଥା ନିୟନ୍ତ୍ରଣ ପାଇଁ ଫଳ ମାଛି ଟ୍ରାପର ବ୍ୟବହାର କରିବାକୁ ପରାମର୍ଶ ଦିଆଯାଉଅଛି ।<br>• ଆମ୍ବ ଗଛରେ ଫଳର ବିକାସ ପାଇଁ ଏହି ମାସଟା ମହତ୍ୱପୂର୍ଣ୍ଣ ଅଟେ ଏବଂ ଏହି ଅବସ୍ଥାରେ ଗଛରେ ଜଳର ଅଭାବ ଯୋଗୁଁ ଫଳର ବିକାସ ବାଧାପ୍ରାପ୍ତ ହୋଇଥାଏ ତେଣୁ ଚାଷି ଭାଇମାନଙ୍କ ମାଟିର ଆର୍ଦ୍ରତା ବନାଇ ରଖିବାକୁ ୧୦ ରୁ ୧୫ ଦିନ ଅନ୍ତରାଳରେ ସକାଳ କିମ୍ବା ସନ୍ଧ୍ୟା ସମୟରେ ଜଳସେଚନ କରିବାକୁ ପରାମର୍ଶ ଦିଆଯାଉଅଛି ।<br>• ଆଗକୁ ବର୍ଷା ହେବାର ସମ୍ଭାବନାକୁ ଧ୍ୟାନରେ ରଖି ଚାଷୀ ଭାଇମାନେ ଜଳ ସେଚନ ପାଇଁ କିଛି ଦିନ ଅପେକ୍ଷା କରନ୍ତୁ। |
| ପନିପରିବା | ଫୁଲ ଓ ଫଳ ଅବସ୍ଥା | • ଆସନ୍ତା ସପ୍ତାହରେ କିଛିଟା ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଅଛି ଏବଂ ଏହି ସମୟ ଅବଧିରେ ପବନର ଗତି ମଧ୍ୟ ଅଧିକ ରହିପାରେ ତେଣୁ ପନିପରିବା କ୍ଷେତରେ ଜଳସେଚନ ଓ ଔଷଧର ସିଞ୍ଚନ କାର୍ଯ୍ୟରେ ସତର୍କତା ଅବଲମ୍ବନ କରିବାକୁ କିମ୍ବା ଅତି ଜରୁରୀ ନ ଥିଲେ କିଛି ଦିନ ସ୍ଥଗିତ ରଖିବାକୁ ପରାମର୍ଶ ଦିଆଯାଉଅଛି । |
| ଗାଈ ଓ ମଈଷି | • ପଶୁମାନଙ୍କୁ ଗରମରୁ ରକ୍ଷା କରିବା ପାଇଁ ତାଙ୍କୁ ନିୟମିତ ତାଜା ସ୍ୱ ଛ ଥଣ୍ଡା ପାନୀୟ ଜଳ ଯୋଗେଇବାର ବ୍ୟବସ୍ଥା କରିବାକୁ ଏବଂ ସେମାନଙ୍କୁ | |

| | |
|---|---|
| | ସବୁଜ ଘାସ, ପୁଷ୍ଟିସାର-ଚର୍ବି ଜାତୀୟ ଖାଦ୍ୟ , ମିଶ୍ରିତ ଖଣିଜ ଲବଣ ଏବଂ ଲୁଣ ଖାଇବାକୁ ଦେବା ପାଇଁ ପରାମର୍ଶ ଦିଆଯାଉଛି । ସେମାନଙ୍କୁ ଛାଇଁରେ ରଖିବା ତଥା ସକାଳ ୧୧ ଟା ରୁ ସନ୍ଧ୍ୟା ୪ ଟା ମଧରେ ଚରାଇବାକୁ ବାହାରକୁ ନ ଛାଡ଼ିବାକୁ ଉପଦେଶ ଦିଆଯାଉଛି ।<br>• ଆସନ୍ତା ସପ୍ତାହରେ ବିଜୁଳି ଘଡ଼ଘଡ଼ି ସହିତ ବର୍ଷା ହେବାର ଏବଂ ପବନର ଗତି ମଧ ଅଧିକ ରହିବାର ସମ୍ଭାବନା ଅଛି ତେଣୁ ପଶୁମାନଙ୍କୁ ବାହାରେ ଗଛ ପାଖରେ କିମ୍ବା କୌଣସି ବିଦ୍ୟୁତ ଉପକରଣ ପାଖରେ ରଖନ୍ତୁ ନାହିଁ। |
| କୁକୁଡ଼ା ପାଳନ | • ଉଷ୍ମ ଲହରୀ ସମୟରେ କୁକୁଡ଼ା ଫାର୍ମରେ ଥିବା ଝରକାଗୁଡିକୁ ଓଦା ଅଖା ବସ୍ତା କିମ୍ବା ଗନି ବ୍ୟାଗରେ ଏବଂ ଛାତକୁ ପୁଆଳ କିମ୍ବା ନଡ଼ାରେ ଘୋଡାଇବାର ପ୍ରବନ୍ଧ କରନ୍ତୁ । କୁକୁଡ଼ା ସେଡରେ ପବନର ଚଳପ୍ରଚଳ କିମ ଭେଣ୍ଟିଲେସନ୍ ପାଇଁ ଏବଂ ଘରକୁ ଥଣ୍ଡା ରଖିବା ପାଇଁ ଉପଯୁକ୍ତ ବ୍ୟବସ୍ଥା କରାଯିବା ଉଚିତ । ଉଷ୍ମ ଲହରୀ ଶେଷ ହେବା ପର୍ଯ୍ୟନ୍ତ ଭିଟାମିନ୍ ଇ ଏବଂ ସି ସପ୍ଲିମେଣ୍ଟ କୁ ପାନୀୟ ଜଳ ସହିତ ମିଶାଇ ଖାଇବାକୁ ଦିଅନ୍ତୁ ।<br>• ରାନିକ୍ଷେତ ରୋଗ ବିରୁଦ୍ଧରେ କୁକୁଡ଼ା ମାନଙ୍କର ଟୀକାକରଣ ଏବଂ କୃମି ନ ହେବା ପାଇଁ ଔଷଧର ବ୍ୟବସ୍ଥା ନିଶ୍ଚୟ କରାଯିବା ଉଚିତ ।<br>• ଫାର୍ମ ଭିତରକୁ ବର୍ଷା ଜଳ ନା ପଶିବା ପାଇଁ ଉପଯୁକ୍ତ ପ୍ରବନ୍ଧ କରନ୍ତୁ ଏବଂ ବିଜୁଳି ଘଡ଼ଘଡ଼ି ସମୟରେ ଫାର୍ମ ପାଖରେ କିଛି ବିଦ୍ୟୁତ ଉପକରଣ ରଖନ୍ତୁ ନାହିଁ । |



| | |
|---|---|
| **Ms. Jubuli Sahu**<br>**Junior Agrometeorologist,**<br>**AMFU, RRTTS, Chiplima** | **Dr. Sanjukta Mohapatra**<br>**ADR & Nodal Officer**<br>**RRTTS, Chiplima** |



- କୃଷି ରେ ଉତ୍ତମ ଲାଭ ପାଇଁ , **OUAT KALINGA** ପ୍ରଡକ୍ଟସ (ବିହନ, ଚାରା ରୋପଣ ଓ କ୍ୟୁପିଏମ୍, ଟିସୁ କଲଚର ପ୍ଲାଣ୍ଟ , ଫଳ ଓ ପନିପରିବା , ମୂଲ୍ୟଯୁକ୍ତ ଉତ୍ପାଦ, ଫିଙ୍ଗରଲିଙ୍ଗ୍/ଇୟରଲିଙ୍ଗ୍, କୁକୁଡ଼ା ଛୁଆ, ମହୁମାଛି ଓ ଷ୍ଟୋକ୍, ଜୈବ ସାର, ଜୈବ କୀଟନାଶକ, ଜିଆ ଏବଂ ଜିଆ ଖତ ଇତ୍ୟାଦି) ବ୍ୟବହାର କରନ୍ତୁ।
- ଭାରତ ପାଣିପାଗ ବିଭାଗ ର ପାଣିପାଗ ପୂର୍ବାନୁମାନ ଏବଂ ଓଡ଼ିଶା ସ୍ଥିତିର କୃଷି ପାଣିପାଗ ପରାମର୍ଶଦାତା ପାଇଁ ମେଘଦୂତ ମୋବାଇଲ ଆପ (https://play.gooogle.com/store/apps/details?id=com.aas.meghdoot) ତଥା ନିଜ ଅଞ୍ଚଳର ବିଜୁଳି କିମ୍ବା ବଜ୍ରପାତ ପୂର୍ବାନୁମାନ ପାଇଁ ଦାମିନୀ ଆପ (https://play.google.com/store/apps/details?id=com.lightening.live.damini) ର ବ୍ୟବହାର କରିପାରିବେ।